## DAV PUBLIC SCHOOLS, BHUBANESWAR
## PERIODIC ASSESSMENT-I (2022-23)

- Please check that this question paper contains **03** printed pages.
- Check that this question paper contains **06** questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

**CLASS : VIII**

**SUB : LOWER ODIA**

**Time Allowed:1½ Hours** **Maximum Marks : 40**

ସାଧାରଣ ନିର୍ଦ୍ଦେଶାବଳୀ

- ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୬ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷରଗୁଡିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖିବା ଆରମ୍ଭ କର ।

### 'କ' ବିଭାଗ

**Q1.** ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । **(5 x 1=5)**

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ସେମାନଙ୍କଠାରୁ ସମଗ୍ର ଦେଶବାସୀ ଅନେକ କିଛି ଆଶା କରନ୍ତି । ସେମାନେ ଭଲ ପାଠ ପଢ଼ି ବଡ଼ ମଣିଷ ହେବା ସହ ସମାଜର ମଙ୍ଗଳ ପାଇଁ ଚେଷ୍ଟା କରିବେ । ଲୋକମାନଙ୍କର ସୁଖଦୁଃଖରେ ନିଜକୁ ସାମିଲ୍ କରିବେ । ନିଜ ଭଲ କଥା ଆଗେ ଚିନ୍ତା ନ କରି ଅନ୍ୟମାନଙ୍କର ଭଲ ପାଇଁ ମନପ୍ରାଣ ଦେବେ । ନିଜ ଭିତରେ କେବେ ବି କଳହ କରିବେ ନାହିଁ । ଦେଶର

ଧନସମ୍ପତ୍ତି ସୁରକ୍ଷିତ ରଖିବେ। ବାହାର ଶତ୍ରୁକୁ ଦେଶ ଭିତରେ ପୂରାଇ ଦେବେ ନାହିଁ। ମାତାପିତା, ଗୁରୁଜନ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେବେ। ନିଜର କାମକୁ ଠିକ୍ ସମୟରେ ଓ ଠିକ୍ ଭାବରେ କରିବେ। ଆଖପାଖର ପରିବେଶକୁ ସଫାସୁତରା ରଖିବେ। ସମୟ ମିଳିଲେ ବିଦ୍ୟାଳୟ ପାଠାଗାର ଯାଇ ଭଲ ବହି ପଢ଼ିବେ। ନିୟମିତ ଖବରକାଗଜ ପଢ଼ି ଦେଶଦୁନିଆର ଖବର ଜାଣିବେ। ଏସବୁ ଭଲକାମ କଲେ ସମସ୍ତେ ତାଙ୍କୁ ପ୍ରଶଂସା କରିବେ। ସେମାନେ ଉତ୍ତମ ଛାତ୍ରଛାତ୍ରୀ ଭାବରେ ଚାରିଆଡ଼େ ସମ୍ମାନ ଓ ଆଦର ପାଇବେ।

i. କେଉଁମାନଙ୍କଠାରୁ ଦେଶବାସୀ ଅନେକ କିଛି ଆଶା କରନ୍ତି ?

ii. ଦେଶଦୁନିଆ ଖବର ଛାତ୍ରଛାତ୍ରୀମାନେ କିପରି ଜାଣିପାରିବେ ?

iii. ସମୟ ମିଳିଲେ ଛାତ୍ରଛାତ୍ରୀମାନେ କ'ଣ କରିବେ ?

iv. ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହ ଆଉ କ'ଣ ପାଇଁ ଚେଷ୍ଟା କରିବେ ?

v. ଭଲକାମ କଲେ ସମସ୍ତେ କ'ଣ କରିବେ ?

## 'ଖ' ବିଭାଗ

**Q2.** ଅନୁଚ୍ଛେଦ ଲେଖ।(୮୦ ରୁ ୧୦୦ ଶବ୍ଦ ମଧ୍ୟରେ) **(5)**

ତୁମ ପ୍ରିୟ ମହାପୁରୁଷ

## 'ଗ' ବିଭାଗ

**Q3. i.** ଶବ୍ଦଗୁଡ଼ିକର ଅର୍ଥ ଲେଖ। **(4 x 1 = 4)**

ନିଶାଚର, ପାଦୁକା, ଅସରପି, ଅଙ୍ଗୀକାର

**ii.** ବିପରୀତାର୍ଥବୋଧକ ଶବ୍ଦ ଲେଖ। **(4 x 1 = 4)**

ପ୍ରାଚୀନ, ଅନୁରାଗ, ଅଳସୁଆ, ଦୁଃଖ

**Q4. i.** ଲିଙ୍ଗ ପରିବର୍ତ୍ତନ କର। **(3 x 1 = 3)**

କୁମାର, ବୃଦ୍ଧ, ନର

**ii.** ପ୍ରତିଶବ୍ଦ ଲେଖ। **(3 x 1 = 3)**

ନିଆଁ, ନୟନ, ଜନନୀ

## 'ଘ' ବିଭାଗ

**Q5.** ସଂକ୍ଷେପରେ ଉତ୍ତର ଲେଖ। **(6 x 2=12)**

i. ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

ii. ମାତା ଯଶୋଦା କାହିଁକି ଚିନ୍ତିତ ହୋଇ ପଡ଼ିଛନ୍ତି ?

iii. କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

iv. ରାମଙ୍କ ବନଗମନ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ ?

v. ଚକୁଳିଆ ପଣ୍ଡା କିପରି ପେଟ ପୋଷୁଥିଲା ?

vi. ଗଙ୍ଗାମାତା ଚକୁଳିଆ ପଣ୍ଡା ଉପରେ କାହିଁକି ରାଗିଲେ ?

**Q6. ନିର୍ଦ୍ଦିଷ୍ଟ ଉତ୍ତର ବାଛି ଲେଖ ।** **(4 x 1=4)**

i. 'କଳାମାଣିକରେ' କବିତାର କବି କିଏ ?

a.ରାମକୃଷ୍ଣ ନନ୍ଦ b.ଅନନ୍ତ ପଟ୍ଟନାୟକ

c. ଅଭିମନ୍ୟୁ ସାମନ୍ତସିଂହାର d.ସାରଳା ଦାସ

ii. ଭରତ କେଉଁ ପର୍ବତରେ ଉପସ୍ଥିତ ହୋଇ ରାମଙ୍କୁ ଭେଟିଥିଲେ ?

a. ପଞ୍ଚବଟୀ b.ଚିତ୍ରକୂଟ

c. ହିମାଳୟ d.ଗନ୍ଧମାର୍ଦ୍ଦନ

iii. 'ଦୁର୍ମତି' ବୋଲି କାହାକୁ କୁହାଯାଇଛି ?

a. ରାମ b.ବାଲ୍ମୀକି

c. ଭରତ d.ରାବଣ

iv. କାହା ମୁହଁ ମାଗଣା ଭାତରେ ଲାଗି ଯାଇଥାଏ ?

a. ମାଆପୁଅ b.ଚକୁଳିଆ ପଣ୍ଡା

c. ଗଙ୍ଗାମାତା d.ଗାଁ ପିଲାଏ

***